# ପ୍ରଥମ ସେକେଣ୍ଡ ଚାନ୍ସ ପ୍ରୋଗ୍ରାମ୍ 2021-2022

## ସମାଚାର ଲିଖନ – ରିଡିଙ୍ଗ କାର୍ଡ଼

ସମାଚାର ଲିଖନ

**ଉଦ୍ଦେଶ୍ୟ –**

- ସ୍ୱୟଂଲିଖନର ଦକ୍ଷତା ବିକଶିତ ହେବ ।
- ବିଶ୍ଳେଷଣ କରିବାର ଦକ୍ଷତା ବୃଦ୍ଧି ହେବ ।
- ସୃଜନାତ୍ମକ ତଥା ବିଶ୍ଳେଷଣାତ୍ମକ ଚିନ୍ତାଧାରାର କ୍ଷମତା ବଢିବ ।

**ଗତିବିଧି କାହିଁକି ଜରୁରୀ ?**

ଏମାନଙ୍କଠାରେ କୌଣସି ଘଟଣାକୁ ଦେଖି, ଶୁଣି ବା ନିଜ ମନର ବିଚାରକୁ ମୌଖିକ ବା ଲିଖିତ ରୂପେ ଅଭିବ୍ୟକ୍ତ କରିବାର ଦକ୍ଷତାର ଅଭାବ ଦେଖିବାକୁ ମିଳିଥାଏ । ଏମାନଙ୍କର ଚିନ୍ତା କରିବା, କହିବା ଓ ଲେଖିବାର ପଦ୍ଧତିରେ ରଚନାତ୍ମକତା ଆଣିବାପାଇଁ ଏହି ଗତିବିଧି କରାଇବା ଜରୁରୀ ଅଟେ ।

**କିପରି କରିବେ ?** ଏହି ଗତିବିଧି କରିବା ସମୟରେ ସର୍ବପ୍ରଥମେ ବିଦ୍ୟାର୍ଥୀ(ତୁମେ) ନିଜକୁ ପଚାର ଯେ କଣ ମୁଁ ଖବରକାଗଜ ପଢିଛି ? କଣ ତୁମେ ଧ୍ୟାନରେ ସହିତ ଦେଖିଛ ବା ଚିନ୍ତା କରିଛ କି ଖବରକାଗଜରେ କଣ- କଣ ଭାଗ ରହିଥାଏ । ତୁମ ଦ୍ୱାରା କୁହାଯାଉଥିବା ସମାଚାରର ଭାଗକୁ ନିଜ ଖାତାରେ ଲେଖ । ସମାଚାରର ଭାଗଗୁଡିକୁ ଆଲୋଚନା ମାଧ୍ୟମରେ ବାହାର କରିବାକୁ ତୁମେ ତୁମ ଶିକ୍ଷକଙ୍କ ସହାୟତା ନିଅ । ସମାଚାରରେ ନିମ୍ନଲିଖିତ ଭାଗଗୁଡିକୁ ନିଜ ଖାତାରେ ଲେଖି ତାହାର ପରିଚୟ କରାଅ ।

- ମୁଖ୍ୟ ଶୀର୍ଷକ
- ଉପ ଶୀର୍ଷକ
- ସମ୍ବାଦଦାତାଙ୍କ ନାମ
- ସମାଚାରର ପରିଚୟ

- ସ୍ରୋତ – ସମାଚାର ପ୍ରାପ୍ତ କରିବାର ସ୍ରୋତ
- ବର୍ଣ୍ଣନା – ସମ୍ପୂର୍ଣ୍ଣ ଖବର

ଏହା ପରେ ପଚାର – ସମାଚାର ପତ୍ରଗୁଡିକରେ କେଉଁ କେଉଁ ପ୍ରକାରର ସୂଚନା ପ୍ରକାଶିତ ହୋଇଥାଏ ? ଏହି ପ୍ରଶ୍ନର ଉତ୍ତରରେ ତୁମେ ଦୁର୍ଘଟଣା, ଖେଳ, ରାଜନୈତିକ, ରାଷ୍ଟ୍ରୀୟ, ଅନ୍ତରାଷ୍ଟ୍ରୀୟ, ଆର୍ଥିକ, କୃଷି ଓ ଶିକ୍ଷା ସମ୍ବନ୍ଧୀତ ସମାଚାର ମୁଖ୍ୟ ରୂପେ କହିବ। ଏହା ପରେ ତୁମେ ନିଜ ଗାଆଁ ବା ସାହି ସମ୍ବନ୍ଧୀତ ଖବର ଲେଖିବାକୁ ହେବ । ତୁମ ଦ୍ୱାରା ଲେଖାଯାଇଥିବା ଖବର ଉପରେ ଶିକ୍ଷକ ନିଜର ମତାମତ ରଖିବେ ଓ ସେଥିରେ ସଂଶୋଧନ କରାଇ ପୁନଃ ଲେଖିବାକୁ କହିବେ । ଆମର ବିଦ୍ୟାର୍ଥୀଙ୍କ ସହିତ ଏହି ଗତିବିଧି କରାଇବା ସମୟରେ ଆମକୁ ବିଦ୍ୟାର୍ଥୀଙ୍କୁ , ବିଦ୍ୟାର୍ଥୀଙ୍କ ଘର, ସାହି ବା ଗାଆଁ ସହିତ ସମ୍ବନ୍ଧୀତ ସମାଚାର ଲେଖିବାର ଅଭ୍ୟାସ କରାଇବାକୁ ହେବ । ଏହି ସମାଚାର ବିଦ୍ୟାର୍ଥୀଙ୍କ ଅନୁଭବ, ଆଖପାଖରେ ଘଟିତ ହେଇଥିବା କୌଣସି ଘଟଣା, ସ୍କୁଲ ବା ଗାଆଁରେ ପାଳନ କରାଯାଇଥିବା ପର୍ବପର୍ବାଣୀ, ସରପଞ୍ଚ, ପ୍ରଧାନଶିକ୍ଷକଙ୍କ ସାକ୍ଷାତକାର ନେବା ଆଦି ସମାଚାରର ବିଷୟ ହୋଇପାରେ । ବିଦ୍ୟାର୍ଥୀଙ୍କ ଦ୍ୱାରା ଲେଖାଯାଇଥିବା ସମାଚାରର ଆଧାରରେ ପ୍ରତ୍ୟେକ ୧୫ ଦିନରେ ‘ଆମ ଗାଆଁ ଆମ ସମାଚାର’ ନାମରେ ଚାର୍ଟ ପେପର ଉପରେ ସମାଚାର ପତ୍ର ପ୍ରକାଶିତ କରାଯିବ । ପ୍ରତ୍ୟେକ କ୍ଲଷ୍ଟରରେ ପ୍ରତିଦିନ ଦୈନିକ ସମାଚାର ପତ୍ର ପଠନର ଅଭ୍ୟାସ କରାଯିବ ଓ ସପ୍ତାହର କୌଣସି ଗୋଟିଏ ଦିନ ଗତ ସମାଚାର ଉପରେ ଆଲୋଚନା କରାଯିବ । ଆଲୋଚନାରେ ନ୍ୟୁଜରେ ଆସିଥିବା କଠିନ ଶବ୍ଦର ଅର୍ଥ ଓ ସେଗୁଡିର ବାକ୍ୟରେ ପ୍ରୟୋଗ, କରେଣ୍ଟ ଆଫେୟାର୍ସ, ସମ୍ପାଦକଙ୍କ ବିଚାର ଇତ୍ୟାଦି ସମ୍ବନ୍ଧୀତ ଆଲୋଚନା ଓ ପ୍ରଶ୍ନୋତ୍ତର କରାଯିବ ।

**ସମାପ୍ତ**